# First Trilateral Working Group Meeting between India, Iran and Uzbekistan on joint use of Chabahar Port

December 14, 2020

## ଚାବାହର ବନ୍ଦରର ମିଳିତ ଉପଯୋଗ ଉପରେ ଭାରତ, ଇରାନ ଏବଂ ଉଜବେକିସ୍ତାନ ମଧ୍ୟରେ ତ୍ରିପାକ୍ଷିକ କାର୍ଯ୍ୟକାରିଣୀ ଦଳର ପ୍ରଥମ ବୈଠକ

**ଡିସେମ୍ବର 14, 2020**

1. ଚାବାହର ବନ୍ଦରର ମିଳିତ ଉପଯୋଗ ଉପରେ ଭାରତ, ଇରାନ ଏବଂ ଉଜବେକିସ୍ତାନ ମଧ୍ୟରେ ତ୍ରିପାକ୍ଷିକ କାର୍ଯ୍ୟକାରିଣୀ ଦଳର ପ୍ରଥମ ବୈଠକ 14 ଡିସେମ୍ବର 2020 ରେ ଭର୍ଚୁଆଲ ଉପାୟରେ ଅନୁଷ୍ଠିତ ହୋଇଯାଇଛି।

2. ଭାରତ ସରକାରଙ୍କ ନୌପରିବହନ ସଚିବ ଶ୍ରୀ ସଞ୍ଜୀବ ରଞ୍ଜନ, ଉଜବେକିସ୍ତାନର ଉପ ପରିବହନ ମନ୍ତ୍ରୀ ଶ୍ରୀ ଡି ଦେହକାନୋଭ ଏବଂ ଇରାନର ଉପ ପରିବହନ ମନ୍ତ୍ରୀ ଶ୍ରୀ ଶାହରାମ ଆଦାମନେଜାଦ ମିଳିତ ଭାବେ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

3. ବାଣିଜ୍ୟ ଓ ଯାତାୟାତ ତଥା ଆଞ୍ଚଳିକ ସଂଯୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଚାବାହର ବନ୍ଦରର ମିଳିତ ଉପଯୋଗ ପାଇଁ ଏହି ବୈଠକରେ ଚର୍ଚ୍ଚା ହୋଇଥିଲା। କୋଭିଡ ମହାମାରୀ ସମୟରେ ଏହି ଅଞ୍ଚଳରେ ମାନବିକ ସହାୟତା ଯୋଗାଇବାରେ ଚାବାହର ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସମସ୍ତ ପକ୍ଷ ମଧ୍ୟ ଉଲ୍ଲେଖ କରିଥିଲେ।

4. ଜାନୁଆରୀ 2021 ରେ ଭାରତ ଦ୍ୱାରା ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତୀୟ ନୌବାଣିଜ୍ୟ ସମ୍ମିଳନୀ ଅବସରରେ "ଚାବାହର ଦିବସ" ପାଳନ କରିବାକୁ ଭାରତର ପ୍ରସ୍ତାବକୁ ସମସ୍ତ ପକ୍ଷ ସ୍ୱାଗତ କରିଥିଲେ।

5. ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଉଜବେକିସ୍ତାନର ମହାମହିମ ରାଷ୍ଟ୍ରପତି ଶ୍ରୀ ଶବକତ୍ ମିର୍ଜିୟୋଏଭଙ୍କ ମଧ୍ୟରେ 11 ଡିସେମ୍ବର 2020 ରେ ହୋଇଥିବା ଭର୍ଚୁଆଲ ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

**ନୂଆଦିଲ୍ଲୀ**

**ଡିସେମ୍ବର 14, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.